## ଏଟିଏମ୍‌ରୁ ଲୁଟ୍ ଅଭିଯୋଗରେ ଯୁବକ ଅଟକ

ନୀଳଗିରି,(ସ୍ୱ.ପ୍ର)- ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଞ୍ଚଳରେ ଏକ ଏଟିଏମ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ନୀଳଗିରି ଅଞ୍ଚଳରୁ ଧରିଛି। ମୋବାଇଲ ଟ୍ରାକିଂ ଆଧାରରେ ଯଶୀପୁର ପୋଲିସ ତାଙ୍କୁ ଧରିବା ପାଇଁ ଆସିଥିବା ବେଳେ ସେ ମାନଗଡ଼ ପାହାଡ଼ ଆଡ଼କୁ ପଳାଇ ଯାଉଥିବା ସମୟରେ ତାଙ୍କୁ କାବୁ କରିଥିଲା। ନୀଳଗିରି ଥାନା ସବ୍‌ଇନ୍ସପେକ୍ଟର ବିରଞ୍ଚି ସାହୁ, ଏଏସ୍‌ଆଇ ଅନନ୍ତ ମୁର୍ମୁ ଓ ଉତ୍ତମ ସିଂ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଅଟକ ଲୁଟେରାଙ୍କ ଘର ଭଦ୍ରକ ଚାନ୍ଦବାଲି ଅଞ୍ଚଳରେ ଓ ସେ ନୀଳଗିରି କଦମସାହି ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ।

### ସଂକ୍ଷେପରେ

## ପୁଅଙ୍କୁ ମିଳିଲା ମା'ଙ୍କ ସଞ୍ଚୟ ବୀମା ଟଙ୍କା



ସିମୁଳିଆ,୧୯।୩(ଡି.ଏନ୍.ଏ.)- ଛୋଟଛୋଟ ସଞ୍ଚୟ ବୀମା ଅନେ ସମୟରେ ସହାୟତା ପ୍ରଦାନ କରିଥାଏ। ଏହାର ଉଦାହରଣ ଦେଖିବାକୁ ମିଳିଛି ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ଅଧୀନ ମଇତାପୁର ଶାସନରେ। ଏହି ଅଞ୍ଚଳର ରଞ୍ଜୁଲତା ଓଝା ସିମୁଳିଆ ଷ୍ଟେଟ ବ୍ୟାଙ୍କ ଶାଖାରେ 'ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା'ରେ ବାର୍ଷିକ ୩୩୦ଟଙ୍କାରେ ଏକ ବୀମା କରିଥିଲେ। ତାଙ୍କର ମୃତ୍ୟୁ ପରେ ପୁଅ ଗଜେନ୍ଦ୍ର ଓଝାଙ୍କୁ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବାଲେଶ୍ୱର ଜୋନର ଡିଜିଏମ୍ କୁନ୍ଦନ ଜ୍ୟୋତି, ଆରଏମ୍ ପ୍ରଦୀପ କୁମାର ରଥ, ଫିଲ୍ଡ ଅଫିସର ଦିଗମ୍ବର ଦାସ, ସିମୁଳିଆ ଷ୍ଟେଟ ବ୍ୟାଙ୍କର ମ୍ୟାନେଜର ସୋମନାଥ କବାଟଙ୍କ ଉପସ୍ଥିତିରେ ଏହି ଅର୍ଥରାଶିର ଚେକ୍ ଗଜେନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଜନସାଧାରଣ ସରକାରଙ୍କ ବିଭିନ୍ନ ଜନହିତକାରୀ ସ୍କିମର ଲାଭ ଉଠାଇବା ପାଇଁ ଡିଜିଏମ୍ ସୂଚନା ଦେଇଥିଲେ।

## ଚାଷୀଙ୍କ ପ୍ରତିବାଦ ସଭା

ପଦ୍ମପୁର,୧୯।୩ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଏଡ଼ତାଳ ହାଟ ପଡ଼ିଆରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ମଣ୍ଡିକୁ ଧାନ ଆଣିବା ପାଇଁ ପରିବହନ ଖର୍ଚ୍ଚ, ରବି ଚାଷ ପାଇଁ କଞ୍ଚିଡ଼ି ଧଳା ନଦୀକୁ ମଧୁର ଜଳ ଛାଡ଼ିବା, ସ୍ଲୁଇସ୍ ଗେଟ୍ ମରାମତି, କଟ୍‌ନୀ ଛଟ୍‌ନୀ ବନ୍ଦ, ବୀମା ରାଶି ପ୍ରଦାନ ଆଦି ୧୦ ଦଫା ଦାବି ବିଷୟରେ ଆଲୋଚନା କରାଯାଇଥିଲା। ଦାମୋଦର ଲେଙ୍କା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରାଜ୍ୟ କୃଷକ ସଭା ସମ୍ପାଦକ କ୍ଷୀରୋଦ ସିଂଦେଓ, ମୁଖ୍ୟବକ୍ତା ଆଇନଜୀବୀ ଡ. ପ୍ରଶାନ୍ତ ମିଶ୍ର, ଆବାହକ ଶୁଭେନ୍ଦୁ ପ୍ରତାପ ମହାନ୍ତି, ଜିଲା ସଭାପତି ହରିହର ବେହେରା, ସମ୍ପାଦକ ବିମ୍ବାଧର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ବର୍ଷାରେ ଭାଙ୍ଗିଲା ନିର୍ମାଣାଧୀନ ଡ୍ରେନ୍ ୱାଲ

ବାସୁଦେବପୁର, ୧୯।୩ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ସିନେମାରୋଡ଼ରୁ ବାଲିକଲୋନୀ ଦେଇ ସାବରପୁର ଗ୍ରାମକୁ ସଂଯୋଗ କରୁଥିବା ନିର୍ମାଣାଧୀନ ଏକ ଡ୍ରେନ୍‌ୱାଲ ଶନିବାର ରାତିରେ ଝଡ଼ବର୍ଷାରେ ଭାଙ୍ଗିଯାଇଛି। କିଛିଦିନ ପୂର୍ବରୁ ଏହି ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଡ୍ରେନ୍‌ୱାଲର ଶେଷ ଆଡୁ କିଛି ଅଂଶ ଭୁଶୁଡ଼ି ପଡ଼ିବା ଡ୍ରେନ୍‌ର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠାଇଛି। ଡ୍ରେନ୍‌ର ଦକ୍ଷିଣ ପାର୍ଶ୍ୱରେ ଚାଷଜମି ରହିଛି। ଶନିବାର ବର୍ଷା ହେବା ଫଳରେ ଚାଷଜମିରେ ପାଣି ଜମି ରହିଥିଲା। ନିଷ୍କାସନ ନ ହେବାରୁ ଏହାର ପ୍ରଭାବରେ ଦକ୍ଷିଣପାର୍ଶ୍ୱ ଡ୍ରେନ୍‌ୱାଲ ଧସିଯାଇଛି। ରବିବାର ଛୁଟିଦିନ ଥିବାରୁ ଏ ସମ୍ପର୍କରେ ପୌର ଅଧିକାରୀ ଓ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ମୋବାଇଲ ଜବତ, ୨ ଅଟକ

ଆନନ୍ଦପୁର,୧୯।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ପୋଲିସ ମୋବାଇଲ ସମେତ ବ୍ୟାପକ ଚୋରା ସାମଗ୍ରୀ ଜବତ କରିଛି। ସିସିଟିଭି ଫୁଟେଜକୁ ଆଧାର କରି ୨ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ଅଟକ ଯୁବକ ଦ୍ୱୟ ନାବାଳକ ହୋଇଥିବା ବେଳେ ନିଶା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଶୁକ୍ରବାର ବିଳମ୍ବିତ ରାତିରେ ଆନନ୍ଦପୁର ଫକୀରମରାହନ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଶ୍ରଦ୍ଧା କମ୍ୟୁନିକେସନ୍‌ର କବାଟ ଓ ସଟର୍ ଭାଙ୍ଗି ୩୨ ମୋବାଇଲ୍, ୩୦ ବ୍ଲୁଟୁଥ୍ ଲାଗିଥିବା ଇଅର୍ କଡ୍, ୭୦୦ ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଲୁଟ୍ ହୋଇଥିଲା। ଲୁଟ୍ ସମ୍ପର୍କରେ ଶ୍ରଦ୍ଧା କମ୍ୟୁନିକେସନ୍‌ର ମାଲିକ ରାମଚନ୍ଦ୍ର ପାତ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସିସି ଟିଭି ଫୁଟେଜକୁ ଆଧାର କରି ପୋଲିସ ନାବାଳକ ଦ୍ୱୟଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଲୁଟ୍ ମୋବାଇଲକୁ ବ୍ରାହ୍ମଣୀଦେବୀ ମନ୍ଦିର ନିକଟ ୫୩ ନଂ ରାଜ୍ୟ ରାଜପଥର ଏକ ପୋଲିଆ ତଳେ ରଖିଥିବା କହିଥିଲେ। ପୁଲିସ ସମସ୍ତ ସାମଗ୍ରୀ ଓ ଟଙ୍କାକୁ ଜବତ କରି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଥିବା ଥାନା ଅଧିକାରୀ ଦେବକୀ ନାଇକ ସୂଚନା ଦେଇଛନ୍ତି।

# ଆରମ୍ଭ ହେଲା ସୁନାନଦୀ ପୋଲ କାମ

### ସାକାର ହେବ ଅଞ୍ଚଳବାସୀଙ୍କ ୨୫ ବର୍ଷର ସ୍ୱପ୍ନ

### ପୁରୁଣା କାରଖାନା-ମୁସଲିମ ବସ୍ତିକୁ ଯାତାୟାତ ସୁଗମ ହେବ

ଯୋଡ଼ା,୧୯।୩(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ପୁରୁଣା କାରଖାନାରୁ ମୁସଲିମ ବସ୍ତିକୁ ସଂଯୋଗ କରୁଥିବା ସୁନାନଦୀ ଉପରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ମାଣ ନିମନ୍ତେ ଡିଏମ୍‌ଏଫ ପାଣ୍ଠିରୁ ପ୍ରାୟ ୪ କୋଟି ୫୦ ଲକ୍ଷ ବ୍ୟୟ ଅଟକଳ ରହିଥିବା କନିଷ୍ଠ ଯନ୍ତ୍ରୀ ପ୍ରଦୀପ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। କାମ ଆସନ୍ତା ଜୁଲାଇ ସୁଦ୍ଧା ଶେଷ ନେଇ ସମୟ ଧାର୍ଯ୍ୟ ହୋଇଛି। କେନ୍ଦୁଝର ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ତଦାରଖ କରାଯାଉଛି।

ପ୍ରକାଶ ଯେ, ସତୁରୀ ଦଶକରେ ସୁନା ନଦୀ ଉପରେ ଏକ କାଠପୋଲ ଥିଲା। ୧୯୯୯ ମହାବାତ୍ୟାରେ ପୋଲଟି ଭାଙ୍ଗି ଯାଇଥିଲା। ଫଳରେ ଯୋଡ଼ାର ୱାର୍ଡ ନଂ. ୩, ୪, ୯ ଓ ୧୦ର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଜନସାଧାରଣ ପୋଲ ନିର୍ମାଣ କରିବାକୁ ପୌରପାଳିକା, ବିଧାୟକ, ଏମ୍‌ପିଙ୍କୁ ଜଣାଇ ନିରାଶ ହୋଇଥିଲେ। ପରେ ପୁରୁଣା ଲୁହା ପ୍ଲେଟ୍ ନଦୀ ଉପରେ ପକାଇ ଚଲାପଥ ନିର୍ମାଣ କରିଥିଲେ ବୋଲି ସ୍ଥାନୀୟ ବାସିନ୍ଦା ମହମ୍ମଦ ସିରାଜ କହିଥିଲେ। ଏଥିସହ ସ୍ଥାନୀୟ ଲୋକ ଓ ବୁଦ୍ଧିଜୀବୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ୨୦୦୦ଠାରୁ ବିଭିନ୍ନ ସରକାରୀ ବିଭାଗକୁ ଦେଇଥିଲେ। ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଜିଲାପାଳ ଆଶୀଷ ଠାକ୍‌ରେ ପୋଲପାଇଁ ଡିଏମଏଫ ଅର୍ଥ ଅନୁମୋଦନ କରିଥିଲେ। ଗତ ଡିସେମ୍ବରରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ପୋଲର ଭୂମିପୂଜା କରିଥିଲେ। ଦୀର୍ଘ ୨୫ବର୍ଷ ପରେ ଏକ ସ୍ଥାୟୀ ପୋଲ ନିର୍ମାଣ କରାଯାଉଥିବାରୁ ସ୍ଥାନୀୟବାସିନ୍ଦା ଶରତ ଘଟ ୱାରୀ, ସଞ୍ଜୟ ସାହୁ, ସମୀର ରାଣା, ହରିହର ରାଉତ, ରାମ ଶଙ୍କର ଦାସ ପ୍ରମୁଖ ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



ସୁନାନଦୀ ଉପରେ ନିର୍ମାଣାଧୀନ ପୋଲ।

# ଲେଖିକା ଚିନ୍ମୟୀ ମହାପାତ୍ର ସମ୍ମାନିତ



ଭଣ୍ଡାରିପୋଖରୀ,୧୯।୩(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ମାଟିର ସୁକନ୍ୟା ତଥା ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା, ବିଶିଷ୍ଟ ଲେଖିକା ଡ. ଚିନ୍ମୟୀ ମହାପାତ୍ରଙ୍କୁ ପ୍ରବନ୍ଧ ରଚନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଟକ ଲେଖକ ସହଯୋଗ ସମିତିର ୪୪ତମ ବାର୍ଷିକୋତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ସମିତିର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜଷ୍ଟିସ ଦୁର୍ଗା ପ୍ରସାଦ ଚୌଧୁରୀ, ଇଂ. ରାଜେନ୍ଦ୍ର ନାରାୟଣ ଦାସ, ଡ. ନିତ୍ୟାନନ୍ଦ ସ୍ୱାଇଁ ପ୍ରମୁଖ ଅତିଥି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡ. ମହାପାତ୍ରଙ୍କର ଅନେକ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ପୁସ୍ତକ ପ୍ରକାଶ ପାଇଛି। ସମିତି ପକ୍ଷରୁ ତାଙ୍କୁ 'ନିତ୍ୟାନନ୍ଦ ସ୍ୱାଇଁ ପ୍ରବନ୍ଧ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ, ପ୍ରତିଭା ଜାଗରଣ ମଞ୍ଚ ଓ ସ୍ଥାନୀୟ ଅଞ୍ଚଳର ସାହିତ୍ୟିକମାନଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# 'ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ମିଶନ ଶକ୍ତି'



ମଞ୍ଚରେ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ପାଟଣା ବିଧାୟକ ଜଗନ୍ନାଥ ନାୟକଙ୍କ ସମେତ ଅନ୍ୟମାନେ।

### ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ

ପାଟଣା,୧୯।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳି ପଶି ତଣ୍ଡିଆ ସାହି ପଡ଼ିଆରେ ରବିବାର ପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ମହିଳାମାନଙ୍କ ବିକାଶ ନେଇ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଏଥିସହ ସେଗୁଡ଼ିକର ସଫଳ ରୂପାୟନ ପାଇଁ ଆଜି ଓଡ଼ିଶା ମହିଳାମାନେ ସଶକ୍ତ ହୋଇପାରିଛନ୍ତି। ବିଶେଷ କରି ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ୭୦ ଲକ୍ଷରୁ ଊର୍ଦ୍ଧ୍ୱ ମା'ମାନେ ଯୋଡ଼ି ହୋଇ କ୍ଷୁଦ୍ର ଶିଳ୍ପଠାରୁ ମଧ୍ୟମ ଶିଳ୍ପ କ୍ଷେତ୍ରରେ ପାରାକାଷ୍ଠା ପ୍ରତିପାଦନ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ପାଟଣା ବ୍ଲକ୍ ଅଧ୍ୟକ୍ଷା ଶୁକାନ୍ତୀ ନାଏକ, ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ରିନା ନାଏକ, ଝୁମ୍ପୁରା ବ୍ଲକ୍ ଅଧ୍ୟକ୍ଷା ମମତା ନାଏକ, ଜିଲା ମହିଳା ସେଲ ପର୍ଯ୍ୟବେକ୍ଷକ ସଂଯୁକ୍ତା ମହାନ୍ତି, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, କେନ୍ଦୁଝର ମ୍ୟୁନିସିପାଲିଟି ପୂର୍ବତନ ଅଧ୍ୟକ୍ଷା ମୀନା ମାଝୀ, ପରିଷଦ ସଭ୍ୟା ରୁନୁ ମହାନ୍ତ, ଚମ୍ପାବତୀ ଗୁଡ୍ଡୁ, ବିଣାପାଣି ନାଏକ ପ୍ରମୁଖ ଯୋଗଦେଇଥିଲେ। ଅରୁଣ ମହାନ୍ତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ପାଟଣା, ସାହାରପଡ଼ା, ଝୁମ୍ପୁରା ଓ ଚମ୍ପୁଆ ବ୍ଲକ୍‌ର ୬ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସମାବେଶ ହୋଇଥିଲା। ନିର୍ବାଚନ ମଣ୍ଡଳୀର ମହିଳା ଦୁଗ୍ଧ ଚାଷୀ, ମତ୍ସ୍ୟ ଚାଷୀ, ଲେମ୍ବୁ ଚାଷୀ, ମହିଳା ଉଦ୍ୟୋଗୀ, ଖଲି ଚଉପତି କୁଟୀର ଶିଳ୍ପ, ଟେରା କୋଟା ଶିଳ୍ପୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରୀ ହେମ୍ବ୍ରମ ଓ ବିଧାୟକ ନାଏକ ସମ୍ବର୍ଦ୍ଧିତ କରିଥିଲେ।

## ଆନ୍ଦୋଳନ ପାଇଁ କୁଡ଼ୁମୀ ସେନାର ସଜବାଜ

କରଞ୍ଜିଆ,୧୯।୩: କରଞ୍ଜିଆସ୍ଥିତ ବାମନଶାଳଠାରେ କୁଡ଼ୁମୀ ସେନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସଭାପତି ଜୟମୁନି ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୋମବାର କରଞ୍ଜିଆରେ ମଶାଲ ଶୋଭାଯାତ୍ରା ଓ ୨୧ରେ ୬ ଘଣ୍ଟିଆ ବନ୍ଦ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। କୁଡ଼ୁମୀ ସମ୍ପ୍ରଦାୟକୁ ଆଦିବାସୀ ଶ୍ରେଣୀଭୁକ୍ତ କରିବା ପାଇଁ ଦୀର୍ଘଦିନ ହେଲା ସଂଗ୍ରାମ ଜାରି ରହିଛି। ଇତି ମଧ୍ୟରେ କୁଡ଼ୁମୀ ସେନା ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ଦିଲ୍ଲୀ ଯାଇ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଛନ୍ତି। ମାତ୍ର କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ଅଦ୍ୟାବଧି କୌଣସି ସୁପାରିଶ ପତ୍ର ପଠାଇ ନାହାନ୍ତି। ବର୍ତ୍ତମାନ ବିଧାନ ସଭା ଚାଲିଥିବା ବେଳେ ରାଜ୍ୟ ସରକାର ତୁରନ୍ତ ଚିଠି ପଠାନ୍ତୁ ନଚେତ ୨୧ତାରିଖ ପରଠାରୁ ସଂଗ୍ରାମ ଜାରି ରହିବ ବୋଲି ସଭାପତି ମହାନ୍ତ ଚେତାବନୀ ଦେଇଛନ୍ତି। ବୈଠକରେ ଉପ ସଭାପତି ଉପେନ୍ଦ୍ର ମହାନ୍ତ, ଦିନେଶ ମହାନ୍ତ, ରଘୁନନ୍ଦନ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ଗାନ୍ଧାରୀ ମହାନ୍ତ, କାବୁଲି ମହାନ୍ତ, ରାହସବିହାରୀ ମହାନ୍ତ, ମକରଧ୍ୱଜ ମହାନ୍ତ, ଅଭିମନ୍ୟୁ ମହାନ୍ତ, ରୁନୁ ମହାନ୍ତ ପ୍ରମୁଖଙ୍କ ସମେତ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବୈଠକ




ବୈଠକରେ ଉପସ୍ଥିତ ଅତିଥିମାନେ।

ବାରିପଦା ଅଫିସ,୧୯।୩

ବାରିପଦା ମୁର୍ଗାବାଡ଼ିସ୍ଥିତ ଡିପିଆର୍‌ସି ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି ଏଥିରେ ଅଧ୍ୟକ୍ଷତା କରି ଆଦିବାସୀମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକାରୀ କରିଥିବା ଯୋଜନା ସମ୍ପର୍କରେ କହିଥିଲେ। ତୃଣମୂଳସ୍ତରରେ ଲୋକମାନଙ୍କୁ ଯୋଜନା ବିଷୟରେ ସଚେତନ କରାଇ କାର୍ଯ୍ୟଧାରାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଜିଲାପାଳ ବିନୀତ ଭରଦ୍ୱାଜ ପରାମର୍ଶ ଦେଇଥିଲେ। ସମନ୍ୱିତ ଆଦିବାସୀ ପ୍ରକଳ୍ପ ପ୍ରଶାସକ ରାମଚନ୍ଦ୍ର ସୋରେନ ଉପସ୍ଥିତ ଥିବା ଅତିଥି, ପରିଷଦର ସଦସ୍ୟା ସଦସ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନର ଆଭିମୁଖ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଷଦର ଉପାଧ୍ୟକ୍ଷା କମଳା ତିରିଆ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୌଲତ ଚନ୍ଦ୍ରକାର, ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ରୂପଭାନୁ ମିଶ୍ର, ରାଇରଙ୍ଗପୁରର ଅତିରିକ୍ତ ଜିଲାପାଳ ତଥା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ହେମନ୍ତ କୁମାର ସିଂ, କରଞ୍ଜିଆ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଦେବଦତ୍ତ ମହାନ୍ତ ଓ କପ୍ତିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଦେବଦତ୍ତ ପଣ୍ଡା ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ପରିଷଦର ସଦସ୍ୟା ସଦସ୍ୟମାନେ ଉପସ୍ଥିତ ଥିଲେ। ପରିଷଦର ଉପାଧ୍ୟକ୍ଷା କମଳା ତିରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

### କଷାଫଳ ବାରୁଣୀ ମେଳା

ରୂପସା,୧୯।୩(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ କଷାଫଳ ବାରୁଣୀ ମେଳା ରବିବାର ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି। କଷାଫଳ ନିକଟ ସମୁଦ୍ରରେ ସୂର୍ଯ୍ୟୋଦୟ ପୂର୍ବରୁ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇ ଥିଲେ। ଏହାପରେ ସ୍ଥାନୀୟ ଜଗନ୍ନାଥ ଓ ସାରଙ୍ଗଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ।

ଖୋଳ, ଝାଞ୍ଜର ତାଳେ ତାଳେ ହରିନାମ ସଂକୀର୍ତ୍ତନ ବେଳାଭୂମି ପରିବେଶକୁ ଭକ୍ତି ଭାବନାରେ ବାନ୍ଧି ରଖିଥିଲା। ବାଲେଶ୍ୱର, ମୟୂରଭଞ୍ଜ ଜିଲା ସମେତ ପଡ଼ୋଶୀ ପଶ୍ଚିମବଙ୍ଗରୁ ବହୁ ଶ୍ରଦ୍ଧାଳୁ ପବିତ୍ର ବାରୁଣୀ ବୁଡ଼ରେ ସାମିଲ ହୋଇଥିଲେ। ସମୁଦ୍ର ବେଳାଭୂମିରେ ବିଭିନ୍ନ ପ୍ରକାର ଉଠା ବ୍ୟବସାୟୀଙ୍କ ପ୍ରବଳ ଭିଡ଼ ଜମିଥିଲା। ସ୍ନାନ ପରେ ପୂଜାର୍ଚ୍ଚନା ସାରି ମହିଳା, ପୁରୁଷମାନେ ବେଳାଭୂମିରେ ମୁଢ଼ି ଆଳୁଦମ୍, ଦହିବରା, ଚାଟ, ଗୁପଚୁପ୍ ଖାଇ ମଜା ଉଠାଇଥିବା ଦେଖିବାକୁ ମିଳିଥିଲା। ମେଘୁଆ ପାଗ ସତ୍ତ୍ୱେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଅଗ୍ନିଶମ ଓ ପୋଲିସ ବିଭାଗ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସରପଞ୍ଚ ଜୟନ୍ତୀ ଆଦିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳକୁ ବାରୁଣୀ ସ୍ନାନ କମିଟିର କର୍ମକର୍ତ୍ତା ପରିଚାଳନା କରିଥିଲେ।



କଷାଫଳ ବେଳାଭୂମିରେ ଜନସମାଗମ।

# ଯୁବକଙ୍କ ଆତ୍ମହତ୍ୟା

ବେତନଟୀ, ୧୯।୩ (ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ବେତନଟୀ ଥାନା କେସିପୁର ଫାଣ୍ଡି ଅଧୀନ ନୟା ତାରଣା ଗ୍ରାମର ହେମନ୍ତ ମହାନ୍ତ ନାମକ ଯୁବକ ଶନିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ରବିବାର ଫାଣ୍ଡି ପୋଲିସ ଝୁଲନ୍ତା ମୃତଦେହ ଜବତ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୩) ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକକୁ ହସ୍ତାନ୍ତର କରିଛି। ଫାଣ୍ଡି ଅଧିକାରୀ ପ୍ରବୋଧ ପଣ୍ଡାଙ୍କ ସୂଚନା ଅନୁସାରେ, ହେମନ୍ତ ରାତିରେ ଘରେ ଶୋଇଥିଲେ। ସକାଳେ ସେ ଶୋଇଥିବା ଘର କବାଟ ନ ଖୋଲିବାରୁ ତାଙ୍କ ମା' ଓ ବଡ଼ଭାଇଙ୍କର ସନ୍ଦେହ ହୋଇଥିଲା। ସେମାନେ କେସିପୁର ଫାଣ୍ଡିକୁ ଖବର ଦେଇଥିଲେ। ପୋଲିସ ଉପସ୍ଥିତିରେ ଘର କବାଟ ଖୋଲିବାରୁ ହେମନ୍ତ ଶାଢ଼ିରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି।

# ଫଟୋଗ୍ରାଫର ପ୍ରଶିକ୍ଷଣ ଶିବିର

ଭଦ୍ରକ ଅଫିସ, ୧୯।୩

ଭଦ୍ରକ ଫଟୋଗ୍ରାଫର ଆସୋସିଏଶନ ଓ ସୋନୀ କ୍ୟାମେରା କମ୍ପାନୀ ମିଳିତ ଆନୁକୂଲ୍ୟରେ ରବିବାର ଜିଲା ସଂସ୍କୃତି ଭବନରେ ଫଟୋଗ୍ରାଫର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ଚନ୍ଦ୍ରକାନ୍ତ ମହାନ୍ତି, ସମ୍ପାଦକ ନୀଳାଦ୍ରି ପାତ୍ର, ସୋନୀ କମ୍ପାନୀର ଏରିଆ ସେଲ୍ସ ମ୍ୟାନେଜର ସିଦ୍ଧାର୍ଥ ପଟ୍ଟନାୟକ, ଟେକ୍ନିକାଲ ଷ୍ଟାଫ ସରୋଜ ଦୋରା, ପୁନିତ ସବ୍‌ନାନୀ ଯୋଗଦେଇ ନୂଆ ଟେକ୍ନୋଲୋଜିର କ୍ୟାମେରା ଅପରେଟିଂ ଓ ଫଟୋ ଶୁଟିଂର ବିଭିନ୍ନ କୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଜିଲାର ପ୍ରଫେସନାଲ ଫଟୋଗ୍ରାଫରମାନେ ପ୍ରଶିକ୍ଷଣ ନେଇଥିଲେ। ଆସୋସିଏଶନର ଉପସଭାପତି ଭରତ ଭୂଷଣ ରାୟ, ସହସମ୍ପାଦକ ବିବେକାନନ୍ଦ ନାୟକ ଓ କୋଷାଧ୍ୟକ୍ଷ ନବକିଶୋର ଦାସ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




ଶିବିରରେ ଜଣେ ଫଟୋଗ୍ରାଫର ଫଟୋ ଉଠାଉଛନ୍ତି।

# ପ୍ରକଳ୍ପ ବୁଲିଦେଖିଲେ ତେଲଙ୍ଗାନା ପ୍ରତିନିଧି ଦଳ

ଢେଙ୍କାନାଳ ଅଫିସ,୧୯।୩

ଢେଙ୍କାନାଳ ପୌରାଞ୍ଚଳରେ ପୌରସଂସ୍ଥା ପକ୍ଷରୁ ନିର୍ମିତ ବିଭିନ୍ନ ପ୍ରକଳ୍ପକୁ ରବିବାର ତେଲଙ୍ଗାନାରୁ ଆସିଥିବା ୧୨ଜଣିଆ ପ୍ରତିନିଧି ଦଳ ପରିଦର୍ଶନ କରିଛନ୍ତି। ତେଲଙ୍ଗାନାର ନାଗାରାମ କର୍ପୋରେଶନ କମିଶନର, ବିଭାଗୀୟ ଅଧିକାରୀ, ମିଶନ ଶକ୍ତି ସଦସ୍ୟମାନେ ଖୋର୍ଦ୍ଧାର ଜଟଣୀ ପରିଦର୍ଶନ କରିବା ପରେ ଢେଙ୍କାନାଳରେ ପହଞ୍ଚିଥିଲେ। ସେମାନେ ପୌରାଞ୍ଚଳରେ ଥିବା ଆଚାର ପ୍ରସ୍ତୁତି ୟୁନିଟ୍, ମଳପଙ୍କ ପରିଚାଳନା କେନ୍ଦ୍ର, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ମିଲେଟ କାଫେ ଆଦି ବୁଲି ଜ୍ଞାନ ଆହରଣ କରିଥିଲେ। ମହିଳା ସଶକ୍ତୀକରଣ ସମ୍ପର୍କରେ ସ୍ଥାନୀୟ ଏସ୍‌ଏଚ୍‌ଜି ଏବଂ ମିଶନ ଶକ୍ତି ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଜିଲା କାର୍ଯ୍ୟାଳୟରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଠାରୁ ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ କୁଅଁର, ନିର୍ବାହୀ ଅଧିକାରୀ ତରୁଣ ମହାପାତ୍ର ଆଲୋଚନାରେ ଭାଗ ନେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟନାଥ ମହାପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ ଦରୱନ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ତେଲଙ୍ଗାନାର ପ୍ରତିନିଧି ଦଳ।

## ଦୁର୍ଘଟଣାରେ ଜଣେ ମୃତ

**ଅନୁଗୋଳ ଅଫିସ :** ଅନୁଗୋଳ ସହରରୁ ରେଳ ଷ୍ଟେଶନ ଯିବା ରାସ୍ତାରେ ରବିବାର ଏକ ମୋଟର ସାଇକେଲ ଧକ୍କାରେ ରାଉରକେଲାର ଅନ୍ତର୍ଯ୍ୟାମୀ ସାହୁ(୫୬)ଙ୍କ ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ କହିଛି, ଅନ୍ତର୍ଯ୍ୟାମୀ ରାଉରକେଲାରୁ ଟ୍ରେନ୍‌ରେ ଅନୁଗୋଳ ଆସିଥିଲେ। ତେବେ କଟକ ଯିବା ପାଇଁ ଅନୁଗୋଳ ରେଳ ଷ୍ଟେଶନରୁ ଚାଲି କରି ବସଷ୍ଟାଣ୍ଡ ଅଭିମୁଖେ ଆସୁଥିବା ବେଳେ ଏକ ମୋଟର ସାଇକେଲ ଚାଳକ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ମାରପିଟ ଅଭିଯୋଗରେ ୩ ଗିରଫ

**ଛେଣ୍ଡିପଦା,୧୯।୩,(ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡା ଥାନା କୁଶକିଳା ଗ୍ରାମରେ ହୋଇଥିବା ମାରପିଟ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ୩ଜଣ ହେଲେ କୁଶକିଳା ଗ୍ରାମର ଶ୍ରୀକାନ୍ତ ବେହେରା, ଶିବରାମ ବେହେରା ଓ ଅମୂଲ୍ୟ ବେହେରା। ପୋଲିସ କହିଛି, କୁଶକିଳା ଗ୍ରାମର ଶ୍ରୀକାନ୍ତ ବେହେରାଙ୍କ ସ୍ତ୍ରୀ ପ୍ରତିମାଙ୍କୁ ସେହି ଗ୍ରାମର ଅମୂଲ୍ୟ ବେହେରା, ପହଲା ବେହେରା ଏବଂ ଦୀପକ ବେହେରା ଆକ୍ରମଣ କରିଥିଲେ। ଶ୍ରୀକାନ୍ତ ସ୍ତ୍ରୀଙ୍କୁ ରକ୍ଷା କରିବାକୁ ଯିବାବେଳେ ତାଙ୍କ ସହ ପୁଅ ଶିବରାମ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ଶ୍ରୀକାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅମୂଲ୍ୟଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଅମୂଲ୍ୟ ବେହେରା ଏବଂ ତାଙ୍କ ସ୍ତ୍ରୀ ରିଲି ବେହେରା ଘର ଅଗଣାରେ ପାଟିତୁଣ୍ଡ ହେଉଥିବାବେଳେ ଶ୍ରୀକାନ୍ତ ଏବଂ ପୁଅ ବାବୁନ ଓ ଶିବରାମ ଠେଙ୍ଗାରେ ଅମୂଲ୍ୟଙ୍କୁ ମାଡ଼ ମାରିଥିବା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଆଉ ଏକ ମାମଲା ରୁଜୁ କରି ଶ୍ରୀକାନ୍ତ ଓ ଶିବରାମଙ୍କୁ ଗିରଫ କରିଛି।

# ଆତଙ୍କ ଖେଳାଇଲେ ୨୪ ହାତୀ

**କଣିହାଁ,୧୯।୩(ଡି.ଏନ.ଏ.)**

■୩ ଘର ଭାଙ୍ଗିଲେ, ସାହି ବାସିନ୍ଦା ରାତି ଉଜାଗର
■ସୋଲାର କରେଣ୍ଟ ବ୍ୟବସ୍ଥା ଅଚଳ
■କାମରେ ଆସୁନି ଖୋଳାଯାଇଥିବା ଟ୍ରେଞ୍ଚ
■ସୀମିତ କର୍ମଚାରୀରେ ନାଚାର ଜଙ୍ଗଲ ବିଭାଗ

ଅନୁଗୋଳ ଜିଲା ତାଳଚେର ବନାଞ୍ଚଳ ଶିପୁର ସେକ୍ସନରେ ଆତଙ୍କ ଖେଳାଇଛନ୍ତି ହାତୀପଲ। ଶୁକ୍ରବାର ରାତିରେ ଗହମଠାରେ ରାସ୍ତା କଡରେ ଥିବା ଏକ ସ୍କୁଲର ପାଚେରି ଭାଙ୍ଗି ଦେଇଥିବାବେଳେ ଶନିବାର ରାତିରେ ବାରୁଆଁ ଗ୍ରାମ ମନ୍ଦିର ସାହି ବସ୍ତିରେ ପଶି ଆତଙ୍କ ଖେଳାଇଛନ୍ତି। ଏଥିରେ ତିନୋଟି ପରିବାରର ଘର ଭାଙ୍ଗିଥିବା ସୂଚନା ମିଳିଛି।

ରାତି ୧୦ଟାବେଳେ ଉକ୍ତ ହାତୀପଲ ବାରୁଆଁ ପାହାଡରୁ ତଳକୁ ଖସି ମନ୍ଦିର ଛକଠାରେ ରାସ୍ତା ଅତିକ୍ରମ କରି ମନ୍ଦିର ସାହି ଓ ପୁରୁଣା ସାହିରେ ପ୍ରବେଶ କରିଥିଲେ। ଏହାଦେଖି ଲୋକମାନେ ଭୟଭୀତ ହୋଇଯାଇଥିଲେ। ଖବରପାଇ ବନବିଭାଗର କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ହାତୀପଲକୁ ଜଙ୍ଗଲ ଆଡ଼କୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ


ଏକ ଘର ଭାଙ୍ଗି ଦେଇଛନ୍ତି ହାତୀପଲ।

ମଧ୍ୟ ବିଫଳ ହୋଇଥିଲେ। ହାତୀପଲ ଘୁରି ବୁଲିବା ସହିତ ଗ୍ରାମର ଡମ୍ବରୁ ନାଏକ, ଲକ୍ଷ୍ମୀଧର ବେହେରା ଓ ଅନ୍ୟ ଜଣଙ୍କ ଘର ଭାଙ୍ଗି ଦେଇଥିଲେ। ଗ୍ରାମ ମଧ୍ୟରେ ହାତୀପଲଙ୍କୁ ଦେଖି ଲୋକେ ଭୟଭୀତ ହୋଇ ରାତିସାରା ଅନିଦ୍ରା ରହିଥିଲେ। ରବିବାର ସକାଳ ପ୍ରାୟ ୫ଟାରେ ହାତୀପଲ ଜଙ୍ଗଲ ଆଡକୁ ଚାଲି ଯାଇଥିଲେ। ହାତୀପଲ ଜଙ୍ଗଲ ମଧ୍ୟରୁ ଜନବସତି ଅଞ୍ଚଳକୁ ନ ଆସିବା ପାଇଁ ବନବିଭାଗ ବିଭିନ୍ନ ସ୍ଥାନରେ ସୋଲାର କରେଣ୍ଟ ଓ ଟ୍ରେଞ୍ଚ ବ୍ୟବସ୍ଥା କରିଛି। ଏହାସତ୍ତ୍ୱେ ହାତୀପଲ ବସ୍ତି ମଧ୍ୟରେ ପଶୁଛନ୍ତି। ପ୍ରତିବର୍ଷ ସୋଲାର କରେଣ୍ଟ ଓ ଟ୍ରେଞ୍ଚ ଖୋଳାରେ ବ୍ୟାପକ ଖର୍ଚ୍ଚ ହେଉଥିବାବେଳେ ସେସବୁ କିନ୍ତୁ ଅନେକ ସମୟରେ କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ସୋଲାର କରେଣ୍ଟ ବ୍ୟବସ୍ଥାର ଠିକ୍ ମରାମତି ହେଉ ନ ଥିବାରୁ ଓ ଟ୍ରେଞ୍ଚ ଗୁଡ଼ିକ ଉପଯୁକ୍ତ ଭାବେ ଖୋଳା ଯାଉ ନ ଥିବାରୁ ତାହା ହାତୀକୁ ଅଟକାଇ ପାରୁନାହିଁ। ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି। ରବିବାର ସନ୍ଧ୍ୟାରେ ଏକ ହାତୀପଲ ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମ ନିକଟରେ ରହିଥିବାବେଳେ ଆଉ କିଛି ହାତୀ ବାରୁଆଁ ଓ କୁଲେଇ ଅଞ୍ଚଳରେ ଅଛନ୍ତି। ଏ ନେଇ ତାଳଚେର ବନାଞ୍ଚଳ ଅଧିକାରୀ ସୁକାନ୍ତି ଦେଇ କହିଛନ୍ତି, ବନବିଭାଗ ପକ୍ଷରୁ ହାତୀପଲଙ୍କୁ ଘଉଡାଯାଉଛି। ଜନସାଧାରଣଙ୍କ ଯାତାୟତ ପାଇଁ କୌଣସି ଅସୁବିଧା ହେବ ନାହିଁ।

# ପରକୀୟା ପ୍ରୀତିରୁ ଜୟନ୍ତଙ୍କୁ ହତ୍ୟା

**ବଇଣ୍ଡା,୧୯।୩(ଡି.ଏନ.ଏ.)**

■ରହସ୍ୟ ଉପରୁ ପରଦା ଉଠାଇଲା ପୋଲିସ
■ସ୍ତ୍ରୀଙ୍କ ସମେତ ୪ କୋର୍ଟଚାଲାଣ

ଅନୁଗୋଳ ଜିଲା କିଶୋରନଗର ଥାନା ବଏଜା ଗ୍ରାମର ଜୟନ୍ତ ପ୍ରଧାନଙ୍କ ହତ୍ୟା ପଛରେ ତାଙ୍କ ସ୍ତ୍ରୀଙ୍କ ପରକୀୟା ପ୍ରୀତି ମୁଖ୍ୟ କାରଣ। କିଶୋରନଗର ପୋଲିସ ଏପରି କହି ହତ୍ୟା ରହସ୍ୟ ଉପରୁ ପରଦା ଉଠାଇବା ସହିତ ଜୟନ୍ତଙ୍କ ସ୍ତ୍ରୀ ରାଜଶ୍ରୀ ରାଣି ଦେହୁରୀ, ତାଙ୍କ ପ୍ରେମିକ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅଞ୍ଚଳର ବିକାଶ ଭୋଇ(୨୩) ଓ ସହଯୋଗୀ ପୁନିଆପଡ଼ା ଅଞ୍ଚଳର ରୋହନ ପ୍ରଧାନ(୨୨) ଏବଂ ଅନୁଗୁଳିଆବସ୍ତିର ବିକାଶ କୁମ୍ଭାର (୨୩)ଙ୍କୁ ଗିରଫ ପରେ ନମ୍ବର ୪୭/୨୩ ମାମଲରେ କୋର୍ଟଚାଲାଣ କରିଛି।

ପୋଲିସ କହିଛି, ଜୟନ୍ତ ରାଜଶ୍ରୀଙ୍କୁ ୪ ବର୍ଷ ତଳେ ବିବାହ କରିଥିଲେ। ହେଲେ ଦମ୍ପତିଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିଲା। ରାଜଶ୍ରୀ ତାଙ୍କ ବାପ ଘର ସାହଜବାହାଲି ଗ୍ରାମରେ ରହୁଥିଲେ। ରାଜଶ୍ରୀଙ୍କ ଭାଇ ଶକ୍ତିରଞ୍ଜନଙ୍କ ଅତି ଘନିଷ୍ଠ ସାଙ୍ଗ ଥିଲେ ଅଭିଯୁକ୍ତ ବିକାଶ ଭୋଇ। ବିକାଶ ଶକ୍ତିରଞ୍ଜନଙ୍କ ଘରକୁ ଅନେକ ସମୟରେ ଯାତାୟତ କରୁଥିବାବେଳେ ରାଜଶ୍ରୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ରାଜଶ୍ରୀ ଜୟନ୍ତଙ୍କୁ ଛାଡପତ୍ର ଦିଅନ୍ତୁ ବୋଲି ଶକ୍ତିରଞ୍ଜନ କହୁଥିବାବେଳେ ରାଜଶ୍ରୀଙ୍କ ମା' ଏହାକୁ ବିରୋଧ କରିଥିଲେ। ଜୟନ୍ତ ଓ ରାଜଶ୍ରୀଙ୍କ ମଧ୍ୟରେ ସମାଧାନ କରିବା ପାଇଁ ବୁଧବାର ସ୍ଥିର ହୋଇଥିବାବେଳେ ରାଜଶ୍ରୀ ଜୟନ୍ତଙ୍କ ପାଖକୁ ଯିବେ ନାହିଁ ଏବଂ ଜୟନ୍ତ ସମାଧାନ ପାଇଁ ଆସିଲେ ଆତ୍ମହତ୍ୟା କରିଦେବେ ବୋଲି ବିକାଶଙ୍କୁ କହିଥିଲେ। ପରେ ବିକାଶ ତାଙ୍କ ୨ ଜଣ ସହଯୋଗୀଙ୍କ ସହିତ ଆସି ଜୟନ୍ତଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା ପ୍ରସ୍ତୁତ କରିବା ସହ ତାଙ୍କୁ ବେଶ୍‌ବଲ ବ୍ୟାଟରେ ପିଟି ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି।

# ଜିଲା ବିଜେଡି ଲିଗାଲ ଫ୍ରଣ୍ଟ ସମ୍ମିଳନୀ

**ଅନୁଗୋଳ ଅଫିସ, ୧୯।୩**

ଅନୁଗୋଳ ଜିଲା ବିଜେଡି ଲିଗାଲ ଫ୍ରଣ୍ଟର ଏକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ବାର୍ ଆସୋସିଏଶନର ସଦସ୍ୟା ସଦସ୍ୟ ଅଂଶଗ୍ରହଣ କରିଥିଲେ। ବିଜେଡି ଲିଗାଲ ଫ୍ରଣ୍ଟ ରାଜ୍ୟ ସଭାପତି ତଥା ହାଇକୋର୍ଟର ବରିଷ୍ଠ ଓକିଲ ମିଲନ କାନୁନ୍‌ଗୋ, ଉପଦେଷ୍ଟା ସୀତାଂଶୁ ମୋହନ ଦ୍ୱିବେଦୀ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ବିଜେଡି ଜିଲା ସଭାପତି ମହେନ୍ଦ୍ର କୁମାର ବସ୍ତିଆ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଉକ୍ତ ସମ୍ମିଳନୀକୁ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ରଜନୀକାନ୍ତ ସିଂହ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଇନଜୀବୀ ଦିଲୀପ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ନୂତନ ଭାବେ ଦାୟିତ୍ୱ ନେଇଥିବା ଅନୁଗୋଳ ଜିଲା ବିଜେଡି ଲିଗାଲ ଫ୍ରଣ୍ଟ ସଭାପତି ପରମାନନ୍ଦ ମିଶ୍ର ଏହି ସମ୍ମିଳନୀରେ ପୌରୋହିତ୍ୟ କରିଥିଲେ। ଓକିଲମାନଙ୍କ ନିମନ୍ତେ ନିକଟ ଅତୀତରେ ରାଜ୍ୟ ସରକାର ନେଇଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ଉପରେ ଆଲୋଚନା କରାଯିବା ସହ ଆଉ କିଛି ପଦକ୍ଷେପ ବାବଦରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଜିଲା ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମସ୍ତ ବାର୍ ଆସୋସିଏଶନ ପ୍ରତିନିଧିଙ୍କୁ ଚୟନ କରାଯାଇଥିଲା। ତାଳଚେର ବାର ଆସୋସିଏଶନର ବରିଷ୍ଠ ଆଇନଜୀବୀ ଧନ୍ୟବାଦ ଅର୍ପଣ କରିଥିଲେ।


 କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଜଙ୍ଗଲରେ ପୋଖରୀ ଖୋଳାକୁ ନେଇ ଅସନ୍ତୋଷ

**ଛେଣ୍ଡିପଦା,୧୯।୩,(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଜରପଡା ବନାଞ୍ଚଳ ତୁକୁଡା ପଞ୍ଚାୟତର ରୁଦ୍ରକାଳୀ ବନସଂରକ୍ଷଣ ସମିତି ଅଧୀନରେ ଥିବା ବିଜାଖାଲ ଜଙ୍ଗଲରେ ୨ଟି ପୋଖରୀ ଖୋଳାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗରୁ ପ୍ରକାଶ ଯେ, କତଡା ଗ୍ରାମର ମା' ରୁଦ୍ରକାଳୀ ବନ ସଂରକ୍ଷଣ ସମିତି ଦୀର୍ଘ ୪୦ ବର୍ଷ ହେବ କତଡା କମ୍ପାର୍ଟମେଣ୍ଟ-୧ରେ ଥିବା ମହୁ ପାହାଡ ନିକଟସ୍ଥ ବିଜାଖାଲ ଜଙ୍ଗଲକୁ ଜଗିବା ସହ ରକ୍ଷଣାବେକ୍ଷଣ କରି ଆସୁଛି। କିନ୍ତୁ ଉକ୍ତ ଜଙ୍ଗଲରେ ବନବିଭାଗ ପକ୍ଷରୁ ୩୯ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ୨ଟି ପୋଖରୀ ଏବଂ ଚାରିପାଖ ପଥର ଯୋଡେଇ ପାଇଁ ଯୋଜନା କରାଯାଇଛି। ଉକ୍ତ ଯୋଜନା ଅନୁଯାୟୀ ଟେଣ୍ଡର ପାଇଥିବା ୨ ଠିକାଦାର ୬ ଏକର ଲେଖାଏ ଜଙ୍ଗଲ ଜମିରୁ ମୂଲ୍ୟବାନ


ପୋଖରୀ ଖୋଳା ସ୍ଥାନରେ ଗ୍ରାମବାସୀ ଓ ବନ ସଂରକ୍ଷଣ ସମିତି ସଦସ୍ୟମାନେ ପହଞ୍ଚିଛନ୍ତି।

ଗଛ କାଟି ପୋଖରୀ କାର୍ଯ୍ୟ କରୁଛନ୍ତି। ଏହା ଦେଖି ବନ ସଂରକ୍ଷଣ ସମିତି ଏବଂ କତଡ଼ା ଗ୍ରାମବାସୀ ବିରୋଧ କରିବା ସହ ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବନାଞ୍ଚଳ ପକ୍ଷରୁ ଗ୍ରାମରେ ବୈଠକ କରାଯାଇ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ପୋଖରୀ ଖୋଳା ଯାଉଥିବା ଜଙ୍ଗଲ ଅଞ୍ଚଳ ବନ ସଂରକ୍ଷଣ ସମିତି ଅଧୀନରେ ଆସୁ ନ ଥିବା କୁହାଯାଇଥିଲା। ତେବେ ଏଥିରେ ସନ୍ତୁଷ୍ଟ ନ ହୋଇ ରବିବାର ଶତାଧିକ ଲୋକ ଜଙ୍ଗଲକୁ ଯାଇ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ କାମ ବନ୍ଦ କରିବାକୁ ଠିକାଦାରଙ୍କୁ ଅନୁରୋଧ କରିଥିଲେ। ଅପରପକ୍ଷେ ଜଙ୍ଗଲରୁ ବେଆଇନ ଭାବେ ମୂଲ୍ୟବାନ ଗଛ କଟାଯାଇ ପୋଖରୀ ଖୋଳିବାକୁ ଗ୍ରାମବାସୀ ବିରୋଧ କରିବା ସହିତ ବନବିଭାଗ ଚିହ୍ନଟ କରିଥିବା ସ୍ଥାନରେ ପୋଖରୀ ହେଲେ ବର୍ଷା ଦିନ ବ୍ୟତୀତ ଅନ୍ୟ ଦିନେ ପାଣି ରହିବ ନାହିଁ ବୋଲି କୁହାଯାଇଛି। ତେଣୁ ଉକ୍ତ ସ୍ଥାନରେ ପୋଖରୀ ଖୋଳା କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ସହିତ କଟାଯାଇଥିବା ଗଛର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରିବା ପାଇଁ ସମିତି ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାୟକ କହିଛନ୍ତି, ପୋଖରୀ ଖୋଳାଯାଉଥିବା ସ୍ଥାନ ବନ ସଂରକ୍ଷଣ ସମିତି ଅଧୀନରେ ଆସୁନାହିଁ। ହାତଗଣତି କେତୋଟି ଗଛ ନଷ୍ଟ ହୋଇଛି। ସେଗୁଡିକୁ ସରକାରୀ ନିୟମ ଅନୁଯାୟୀ ଡିପୋକୁ ପଠାଇଦିଆଯିବ।

# ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବଇଣ୍ଡା,୧୯।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବିଶ୍ୱ ଯୁବକେନ୍ଦ୍ର ପରିସରରେ ୱାର୍ଡ ମେମ୍ବରମାନଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ସରୋଜ ନନ୍ଦ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଆଠମଲ୍ଲିକ ବ୍ଲକର ନଅାଁଗା, ଜାମୁଡୋଲି, ପାଇକସାହି, ଆମ୍ବସରମୁଣ୍ଡା ଆଦି ପଞ୍ଚାୟତର ୩୧ ୱାର୍ଡ ମେମ୍ବର ଅଂଶଗ୍ରହଣ କରିଥିଲେ। ସ୍ନେହଲତା ପ୍ରଧାନ ଓ ପ୍ରତିମା ପ୍ରଧାନ ଯୋଗଦେଇ ୱାର୍ଡ ମେମ୍ବରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପରେ ସାପଘରା ପଞ୍ଚାୟତର ପାର୍କ, ଆମ୍ବ ବଗିଚା, କାର୍ଯ୍ୟାଳୟ, ପୋଖରୀ ଆଦି ସ୍ଥାନକୁ ୱାର୍ଡ ସଭ୍ୟାସଭ୍ୟମାନେ ପରିଦର୍ଶନ କରିଥିଲେ। ଜୟନ୍ତ ଜେନା ଶିବିର ପରିଚାଳନା କରିଥିଲେ। ଅଭିଷେକ ମହାପାତ୍ର, ଅଭୟ ଚରଣ ସ୍ୱାଇଁ, ପୁନିଆ ସାହୁ, ପୂଜା ସ୍ୱାଇଁ ସହଯୋଗ କରିଥିଲେ।



ୱାର୍ଡ ସଭ୍ୟାସଭ୍ୟମାନେ କ୍ଷେତ୍ର ପରିଦର୍ଶନରେ ଆସିଛନ୍ତି।

# ଉପଯୁକ୍ତ ସମନ୍ୱୟ ରଖିବାକୁ ପରାମର୍ଶ

**କଣିହାଁ,୧୯।୩(ଡି.ଏନ.ଏ.)**

କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମ ପରିସରରେ ୨ ଦିନିଆ ତାଳଚେର କୃଷି ଜିଲା ସ୍ତରୀୟ କୃଷକ ମେଳା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ ପାଳ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ବିଭୁପ୍ରସାଦ ପତି, ଅନୁଗୋଳ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମିଳା ସ୍ୱାଇଁ, ତାଳଚେର କୃଷି ଜିଲା ଅଧିକାରୀ ମଳୟ କୁମାର ପରିଡା ଯୋଗ ଦେଇଥିଲେ। ଚାଷୀମାନଙ୍କ ସହ ଉପଯୁକ୍ତ ସମନ୍ୱୟ ରଖିବାକୁ ଅଧିକାରୀମାନଙ୍କୁ ୨ ବିଧାୟକ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ କୃଷି ବିଭାଗର ବିଭିନ୍ନ ଯୋଜନା ଓ ଏହାର ଲାଭ ଚାଷୀମାନେ କିପରି ଭାବେ ଉଠାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। କୃଷି ବିଭାଗ ତରଫରୁ କୃଷି ଯନ୍ତ୍ରପାତି, ବିହନ ଷ୍ଟଲ, ଉଦ୍ୟାନ ବିଭାଗର ଷ୍ଟଲ, ମିଶନ ଶକ୍ତି ଷ୍ଟଲ କୃଷି ମେଳାରେ ପ୍ରଦର୍ଶିତ ହୋଇଥିଲା। କୃଷି ମେଳା ତାଳଚେର, କଣିହାଁ ଓ ପାଲଲହଡା ବ୍ଲକକୁ ନେଇ ହେଉଥିବାବେଳେ କଣିହାଁ ବ୍ଲକର ଚାଷୀମାନେ ଯୋଗ ଦେଇଥିଲେ।


କୃଷକ ମେଳାକୁ ଆସିଥିବା ବିଭିନ୍ନ କୃଷି ଯନ୍ତ୍ରପାତିକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# କଲେଜ ପାଇଁ ଆର୍ଥିକ ସହାୟତା

**ମାଧପୁର,୧୯।୩**

ଆଠମଲ୍ଲିକ ବ୍ଲକ ମାଧପୁରଠାରେ ବିଜୁ ପଟ୍ଟନାୟକ ଏଜୁକେଶନାଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ହେବାକୁ ଥିବା ଯୁକ୍ତ ୩ ବିଜୁ ପଟ୍ଟନାୟକ କଲେଜ ନିମନ୍ତେ ରବିବାର ଅନୁଗୋଳ ଜିଲା ଟେଣ୍ଟ ମାଲିକ ସଂଘ ମାଧପୁର ଜୋନ ତରଫରୁ ୫ ହଜାର ଟଙ୍କା ସହାୟତା ରାଶି ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ପୀତାମ୍ବର ବିଶ୍ୱାଳ, ମ୍ୟାନେଜିଂ ଟ୍ରଷ୍ଟି ଅମରେଶ ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ସଂଘ ସଭାପତି ଅଖିଳ ଚାନ୍ଦ, ସମ୍ପାଦକ ସୁଶାନ୍ତ ପ୍ରଧାନ, ସଦସ୍ୟ ହିମାଂଶୁ ମହାପାତ୍ର, ମନୋରଞ୍ଜନ ପ୍ରଧାନ, ଶୈବ ପ୍ରଧାନ ଉପସ୍ଥିତ ଥିଲେ। ଟେଣ୍ଟ ମାଲିକମାନଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳରେ ପ୍ରଶଂସା କରାଯାଇଛି।


ଜିଲା ଟେଣ୍ଟ ମାଲିକ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

# ୫୨ ୟୁନିଟ୍ ରକ୍ତ ସଂଗ୍ରହ

**ବଇଣ୍ଡା,୧୯।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣମଣ୍ଡପ ପରିସରରେ ଅସହାୟ ସହାୟତା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଯାଇଛି। କମିଟି ସମ୍ପାଦକ ପ୍ରବୀଣ କୁମାର ସାହୁ ଓ କୃଷକ ମଙ୍ଗଳ ସଂଘ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ଅନ୍ୟତମ ଅତିଥି ଭାବେ କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ ପଣ୍ଡା, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର, ପୂର୍ବତନ ସରପଞ୍ଚ ଧୋବେଇ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ଯୁବତୀଯୁବକ ଯୋଗଦେଇ ରକ୍ତଦାନ କରିଥିଲେ। ସଭାପତି କ୍ଷୀରେନ୍ଦ୍ର ମୋହନ ଦେହୁରୀ ଏହାକୁ ପରିଚାଳନା କରିଥିବାବେଳେ ନିତ୍ୟାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଗୋଳ ବ୍ଲଡ୍ ବ୍ୟାଙ୍କ ଡାକ୍ତର ସତ୍ୟବ୍ରତ ପାଟଯୋଶୀ ଯୋଗଦେଇ ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିବାବେଳେ କର୍ମଚାରୀମାନେ ସହଯୋଗ କରିଥିଲେ।


ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ଅସୁରକ୍ଷିତ ହେଲାଣି ତାଳବାହାଲି ଜଙ୍ଗଲ

■ଅବାଧରେ ଚାଲିଛି ଗଛ କଟା
■ଜିଲାପାଳଙ୍କଠାରେ ଅଭିଯୋଗ

**ବଇଣ୍ଡା,୧୯।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା ତାଳବାହାଲି ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡିଛି। ଏହି ଜଙ୍ଗଲରୁ ଅବାଧ କାଠ ଚାଲାଣ କରାଯାଉଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଛି। ପାଇକସାହି ସେକ୍ସନ ନିକଟରେ ଥିବା ଏହି ଜଙ୍ଗଲରେ ଏବେ କାଠ ଚୋରମାନେ ସକ୍ରିୟ ହୋଇପଡ଼ିଛନ୍ତି। ଫଳରେ ଆଗାମୀ ଦିନରେ ଜଙ୍ଗଲଟି ପଦା ହୋଇଯିବା ଆଶଙ୍କା କରାଯାଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ସ୍ଥାନୀୟ ଗ୍ରାମବାସୀ ବହୁବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ତାଳବାହାଲି ଗ୍ରାମବାସୀ ଶୁକ୍ରବାର ଜଙ୍ଗଲକୁ ସୁରକ୍ଷା ଯୋଗାଇଦେବା ପାଇଁ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।


ଜଙ୍ଗଲ ମଧ୍ୟରେ କଟାଯାଇଥିବା ଏକ ଗଛର କିଛି ଅଂଶ।

ଗ୍ରାମବାସୀ ଦର୍ଶାଇଛନ୍ତି, ଆଠମଲ୍ଲିକ ବନଖଣ୍ଡରେ ଏହି ଜଙ୍ଗଲ ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୮୮ ମସିହାରେ ୧୨୮୬୫ ଶାଗୁଆନ, ଶିଶୁ, ପଟାସ, ଶାଳ ଭଳି ମୂଲ୍ୟବାନ ଚାରା ରୋପଣ କରାଯାଇଥିଲା। ତାହା ଏବେ ବଡ ହୋଇଯାଇଥିବାରୁ ଜଙ୍ଗଲଟି ଘଞ୍ଚ ହୋଇପଡିଛି। ହେଲେ କାଠ ଚୋରଙ୍କ ଯୋଗୁ ଏହା ଏବେ ଅସୁରକ୍ଷିତ ହୋଇପଡିଛି। କାଠ ଚୋରମାନେ ଅବାଧରେ ଗଛ କାଟି ଚାଲାଣ କରୁଛନ୍ତି। ବିଳମ୍ବିତ ରାତିରେ କଟର ସାହାଯ୍ୟରେ ଗଛ ଗୁଡିକୁ କାଟି ଜଙ୍ଗଲର ଗୁପ୍ତ ସ୍ଥାନରେ ରଖିବା ପରେ ସେଥିରୁ ପଟା ପ୍ରସ୍ତୁତ କରି ଜିଲା ତଥା ଜିଲା ବାହାରକୁ ଚାଲାଣ କରୁଛନ୍ତି। ବନବିଭାଗର କେତେଜଣ ତଳିଆ କର୍ମଚାରୀଙ୍କୁ ହାତ କରି କାଠ ମାଫିଆମାନେ ଏହି କାରବାର କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଜଙ୍ଗଲରେ ବନ ବିଭାଗ ପକ୍ଷରୁ ରାତ୍ରି ପୋଟ୍ରୋଲିଂ କରାଯାଉ ନ ଥିବା ଯୋଗୁ ନିରାପଦରେ କାଠ ମାଫିଆମାନେ ଗଛ କାଟୁଛନ୍ତି। ପୂର୍ବରୁ ଗ୍ରାମବାସୀ ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ କି ବନ ବିଭାଗ ପକ୍ଷରୁ ଚଢାଉ କରାଯାଉନାହିଁ। ତୁରନ୍ତ ଏଥିପ୍ରତି ବନ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଡିଏଫଓ ଏସ. କୋପଲ କୁହନ୍ତି, ତୁରନ୍ତ ପଦକ୍ଷେପ ନିଆଯିବ।

